# ଜଗତପୁର-ଚାନ୍ଦବାଲି ରାସ୍ତା କାର୍ଯ୍ୟ ନିର୍ବାହ ପୂନର୍ବାସ ପୁନର୍ଥଇଥାନ (RAP) ର ମୁଖ୍ୟାଂଶ

## ପୃଷ୍ଠଭୂମୀ

ଜଗତପୁର ଚାନ୍ଦବାଲି ରାସ୍ତାର ପୁନର୍ବସତି କାର୍ଯ୍ୟାନୁଷ୍ଠାନ ଯୋଜନା, (RAP) 2006 ମସାହାରେ ପ୍ରସ୍ତୁତ ହୋଇସାରିଥିଲା । ଯେହେତୁ ୨୦୧୩ ମସିହାରେ ଏହି ଯୋଜନାକୁ କାର୍ଯ୍ୟକାରି କରିବା ପାଇଁ ସ୍ଥିର କରାଗଲା, ସେଥିପାଇଁ ପୁନର୍ବସତି କାର୍ଯ୍ୟାନୁଷାନ ଯୋଜନାର ବର୍ତ୍ତମାନର ସ୍ଥିତି ଜାଣିବା ପାଇଁ ଆବଶ୍ୟକତା ଅନୁଭବ କରାଗଲା । "RAP" ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମାଜିକ ରକ୍ଷାକବଚକୁ ସୁଦୃଢ଼ କରିବା, ପ୍ରସ୍ତାବିତ ଉନ୍ନତିକରଣ ପାଇଁ ସୃଷ୍ଟି ହେଉଥିବା ପ୍ରତିକୂଳ ସାମାଜିକ ପରିସ୍ଥିତିକୁ କମ୍ କରିବାକୁ ଚେଷ୍ଟା କରିବା ଏବଂ ପକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତି ସମୁହକୁ ସହାୟତା ପ୍ରଦାନ କରିବା ଯାହାଦ୍ୱାରା କି ସେମାନେ ଉନ୍ନତ ମାନର ଜିବାକା ନିର୍ବାହ କରିପାରିବେ । ପ୍ରକଳ୍ପ ସମସ୍ତ ବିବରଣୀ ଏବଂ ଏହାର ପ୍ରଭାବ ପୁନର୍ବସତି ଓ ପୁନଃ ଥଇଥାନର ନୀତି ଓ ନୀୟମ, ପରାମର୍ଶର ଫଳାଫଳ, ଜମି ଅଧିଗ୍ରହଣର ନୀୟମ, ଥଇଥାନର ଯୋଜନା, ପ୍ରକଳ୍ପ କାର୍ଯ୍ୟକାରି କରିବାର ବ୍ୟବସ୍ଥା ଯଥା: ବଜେଟ ସମୟସୀମା ଏବଂ ରାସ୍ତାର କାର୍ଯ୍ୟ ପ୍ରଣାଳୀ ଇତ୍ୟାଦି ବିଷୟ ଏହି 'RAP' ରେ ଲିପିବଦ୍ଧ ହୋଇଅଛି ।

## ପ୍ରକଳ୍ପ ଅଞ୍ଚଳ

ଏହି 'RAP' ଜଗତପୁର ଚାନ୍ଦବାଲି ରାସ୍ତା ପ୍ରକଳ୍ପ ସହିତ ଜଡ଼ିତ । ଏହି ପ୍ରକଳ୍ପର ସମୁଦାୟ ଦୈର୍ଘ୍ୟ ହେଇଛି ୧୦୬ କି.ମି । ଏହି ପ୍ରକଳ୍ପ ଯୋଜନା ରାଜ୍ୟର ପୁର୍ବ ଦିଗରେ ଅବସ୍ଥିତ ରାଜସ୍ୱ ଜିଲ୍ଲା କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକ ମଧରେ ଥିବା ରାଜସ୍ୱ ଗ୍ରାମ ମଧରେ କାର୍ଯ୍ୟକାରି ହେଉଅଛି । ଏହି ପ୍ରକଳ୍ପ ପ୍ରଭାବିତ ଭୂମି ସାଧାରଣତଃ ବାସଗୃହ, ବ୍ୟବସାୟ , ଚାଷଜମି, ପଡ଼ିଆ ଭୂମି, ପାଟ ଓ ଜଙ୍ଗଲ ଜମି ରୂପେ ବ୍ୟବହୃତ ହେଉଅଛି । ଏହି ପ୍ରକଳ୍ପର ମୃତ୍ତିକା ପଟୁ ଓ ବାଲିମିଶା ମୃତ୍ତିକାର ସମିଶ୍ରଣ ଅଟେ । ଧାନ, ପରିବା ଓ ଆଖୁଚାଷ ଇତ୍ୟାଦି ଏହି ପ୍ରକଳ୍ପ ଅଞ୍ଚଳର ମୁଖ୍ୟ ଫସଲ ଅଟେ ।

## ପ୍ରକଳ୍ପ ପ୍ରଭାବ

ଏହି ରାସ୍ତା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟହେଉଛି ଅବସ୍ଥିତ ଥିବା ରାସ୍ତାର ଉନ୍ନତିକରଣ ଏବଂ ତତ୍‌ସହିତ ଏକ ଉନ୍ନତ ଦ୍ୱିକରଣ ରାସ୍ତା ନିର୍ମାଣ କରିବା ଯାହା ଦ୍ୱାରାକି ଏହା ସମସ୍ତ ଭାର ବହନ କରିପାରିବ । ଏହି ପସ୍ତାବିତ ପ୍ରକଳ୍ପ ୧୧୨.୬ ଏକର ବ୍ୟକ୍ତିଗତ ଜମି ଆବଶ୍ୟକ କରୁଅଛି । ଆଧାର ରେଖା ସର୍ବେକ୍ଷଣ ସୁଚନା ଅନୁଯାୟୀ ପ୍ରାୟ ୫୨୩୯ ପରିବାର ଏହି ପ୍ରକଳ୍ପ ଦ୍ୱାରା ସେମାନଙ୍କର ଗୃହ ଓ ବ୍ୟବସାୟ ସମ୍ପୁର୍ଣ ବା ଆଂଶିକ କ୍ଷତିଗ୍ରସ୍ଥ ହେଉଛନ୍ତି । ସମ୍ପୁର୍ଣ ରୁପେ ୪୫୩୩ ବାସଚ୍ୟୁତ ହେଉଥିବା ପରିବାର ଏବଂ ୭୦୬ ଟି ପରିବାର ଆଂଶିକରୂପେ କ୍ଷତିଗ୍ରସ୍ଥ ହେଉଛନ୍ତି । ବାସଚ୍ୟୁତ ହେଉଥିବା ୪୫୩୩ ପରିବାର ମଧରୁ ୫୧୨ ଟି ହେଉଛି ବାସଗୃହ, ୭୪ ହେଉଛି ବ୍ୟବସାୟ ତଥା ବାସଗୃହ, ୨୯୬୬ ହେଉଛି ବ୍ୟବସାୟ ଗୃହ ଏବଂ ୭୪୧ ହେଉଛି ଉଠା ଦୋକାନୀ । ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ୪୩୭ ସର୍ବସାଧାରଣ ସମ୍ପତି ମଧରୁ, ୧୬୭ ଧାର୍ମିକ ଭିତ୍ତିଭୂମି ଏବଂ ଅନ୍ୟ ୨୭୦ ଟି ହେଉଛି ଅନ୍ୟାନ୍ୟ ଗୋଷ୍ଠିଗତ ସମ୍ପତ୍ତି । କ୍ଷତିଗ୍ରସ୍ତ ହେଉଥିବା ୧୬୭ଧାର୍ମିକ ଭିତ୍ତିଭୂମି ମଧରୁ, ୮୨ ଟି ଭିତ୍ତିଭୂମି କୁ ସ୍ଥାନୀୟ ଲୋକମାନଙ୍କ ପରାମର୍ଶ କ୍ରମେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇସାରିଛି । ଏହି ସ୍ଥାନାନ୍ତରଣ କାର୍ଯ୍ୟ ପ୍ରଥମ ପର୍ଯ୍ୟାୟ ରାସ୍ତା ପ୍ରକଳ୍ପ ର ନୀତି ଓ ନୀୟମ ଉପରେ ଆଧାରିତ । ଏହି କାର୍ଯ୍ୟଧାରା ଅନୁଯାୟୀ (୧) ସ୍ଥାନୀୟ ଧର୍ମାନୁଷାନ ପରିଚାଳନା କମିଟି ସ୍ଥାନାନ୍ତରିତ କାର୍ଯ୍ୟ ପରିଚାଳନା କରିବେ । (୨) ରାସ୍ତା ଓ ଗୃହ ନିର୍ମାଣ ଯନ୍ତ୍ରୀ ଏହାର ମୂଲ୍ୟାୟନ କରିବେ । (୩) ଅର୍ଥରାଶି ସ୍ଥାନୀୟ ତହସିଲଦାର ଙ୍କ ମାଧମରେ ପରିଚାଳନା କମିଟିକୁ ଦିଆଯିବ ଏବଂ ନଜର ଦିଆଯିବ ଯେପରିକି ଏହାର ପୁନର୍ଥଇଥାନ ସମୟରେ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କର ଆଦେଶକୁ ଲଙ୍ଘନ କରାଯାଉ ନାହିଁ । ଦରୀଦ୍ର ସୀମାରେଖା ତଳେ ଥିବା ୧୧୩୮ ଟି ପରିବାରକୁ ଦୁର୍ବଳ ବୋଲି ଚିହ୍ନଟ କରାଯାଇଛି ।

ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପରିବାର ଗୁଡ଼ିକ ମଧରେ ଏକ ସାମାଜିକ -ଆର୍ଥନୈତିକ ସର୍ବେକ୍ଷଣ ହୋଇସାରିଛି । ଏହି ସର୍ବେକ୍ଷଣ ସୂଚନା ପର୍ଦାନ କରୁଛି ଯେ ପ୍ରକଳ୍ପ କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତି ମାନଙ୍କ ମଧରୁ ପ୍ରାୟ ୩୫୧୯(୬୭%) କ୍ଷତିଗ୍ରସ୍ତ ବ୍ୟକ୍ତି କ୍ଷୁଦ୍ର ବ୍ୟବସାୟରେ ଜୀବିକା ନିର୍ବାହ କରୁଛନ୍ତି ଏବଂ କେବଳ ୨୭୫ଜଣ (୬%) ବ୍ୟକ୍ତି ଚାଷବାସ ଦ୍ୱାରା ଜୀବିକା ନିର୍ବାହ କରୁଛନ୍ତି । ଅନ୍ୟ ୯% କ୍ଷତିଗ୍ରସ୍ତ ବ୍ୟକ୍ତି ଅନ୍ୟାନ୍ୟ ବିଭିନ୍ନ ଜିବିକା ଯଥା ନିବୃତି ଭତ୍ତା, ଦିନ ମଜୁରୀ, ଟିଉସନ ଇତ୍ୟାଦି ଜୀବିକା ଉପରେ ନିର୍ଭର କରି ବଞ୍ଚିଛନ୍ତି । ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତି ମାନଙ୍କର ମାସିକ ହାରାହାରି ରୋଜଗାର ଭଦ୍ରକ ଜିଲ୍ଲାରେ ୫୪୯୦ ଟଙ୍କା, କଟକ ଜାଲ୍ଲାରେ ୬୬୨୩ ଟଙ୍କା ଓ କେନ୍ଦ୍ରାପଡା ଜିଲ୍ଲାରେ ୬୧୩୭ ଟଙ୍କା ଅଟେ । ସାମାଜିକ ନିବାରଣର ଫଳାଫଳ ଏହି ସୂଚନା ପ୍ରଦାନ କରୁଛି ଯେ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କୈଣସି ଆଦିବାସୀ ପରିବାର ଅତ୍ୟଧିକ ଭାବରେ ପ୍ରଭାବିତ ହୋଇନାହାନ୍ତି ତଥା କେବଳ ୧୬ଟି ଆଦିବାସୀ ପରିବାର ସମ୍ପୂର୍ଣ ଅଳିନ୍ଦ ମଧରେ ବିକ୍ଷିପ୍ତ ଭାବରେ ରହୁଛନ୍ତି ।

## ଓଡିଶା ରାଜ୍ୟ ସଡକ ପ୍ରକଳ୍ପର ପୁନର୍ବସତି ଓ ଥଇଥାନ ନୀତିର ମୁଖ୍ୟ ବ୍ୟବସ୍ଥା

ନିମ୍ନଲିଖିତ ବ୍ୟବସ୍ଥା ଗୁଡିକ ଓଡିଶା ରାଜ୍ୟ ସଡକ ପ୍ରକଳ୍ପର ଅନ୍ତର୍ଗତ ପୁନର୍ବସତି ଓ ପୁର୍ନଥଇଥାନ ସହାୟତା ବ୍ୟବସ୍ଥାର ମୁଖ୍ୟ ନୀତି ଅନ୍ତର୍ଭୁକ୍ତ । ଏବଂ ଏହା ପ୍ରକଳ୍ପର ପ୍ରଭାବକୁ କମାଇବା ପାଇଁ ପ୍ରୟୋଗ କରାଯିବ ।

- ୧୮୯୪ ମସିହା ଜମି ଅଧିଗ୍ରହଣ ନୀୟମ ଅନୁଯାୟୀ, ଜମି ଅଧିଗ୍ରହଣ କରାଯାଉଅଛି ।
- ଜମି ଅଧିଗ୍ରହଣ ମୁଲ୍ୟ ସହିତ ଜଳସେଚିତ ଜମି ପାଇଁଏକର ପିଛା୧୫୦,୦୦୦ଟଙ୍କା ଏବଂ ଅଣଜଳସେଚିତ ଜମି ପାଇଁ ଏକର ପିଛା ୭୫,୦୦୦ ଟଙ୍କା, ଜମି ହରାଇଥିବା ଚାଷୀଙ୍କୁ ଏକକଳୀନ ସହାୟତା ମିଳିବ ।
- ବାସଚ୍ୟୁତ ହେଉଥିବା ପରିବାରକୁ ଗୃହ ନିର୍ମାଣ ନିମନ୍ତେ ୨୨୪,୦୦୦ ଟଙ୍କା ସହାୟତା ଓ ତା ସହିତ ଜମି ପୁନଃସ୍ଥାପନ ପାଇଁ ୭୫,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ ।
- ଭିତିଭୁମି ହରାଉଥିବା ମୂଲ୍ୟ ସହିତ, ଘର ଓ ବ୍ୟବସାୟର କ୍ଷତିପୂରଣ ମଧ ପ୍ରକଳ୍ପ ଦ୍ଵାରା କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯିବ ।
- ମାଲିକାନା ସତ୍ତ୍ଵଧାରୀ ବ୍ୟବସାୟିକ ଅନୁଷ୍ଠାନ ଓ ସରକାରୀ ଜମିକୁ ଅନିୟମିତ ଭାବେ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କପାଇଁ ମଧ ବ୍ୟବସ୍ଥା କରାଯାଇଛି ।
- ଉଠାଦୋକାନୀ ଓ ଭଡାଟିଆ ମାନେ ମଧ ଏହି ପକଳ୍ପ ଦ୍ଵାରା ସହାୟତା ପାଇବେ ।
- ଯଦି କୌଣସି ବ୍ୟକ୍ତି ସରକାରୀ ଜମିକୁ ଚାଷ ପାଇଁ ବିଗତ ତିନିବର୍ଷ ଧରି ବ୍ୟବହାର କରୁଥାନ୍ତି ଏବଂ ଏହି ଜମି ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥାନ୍ତି ଏବଂ ସେ ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତି ହେଇଥାନ୍ତି ତେବେ ତାଙ୍କୁ ସ୍ଥାନୀୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆତ୍ମନିଯୁକ୍ତିର ବ୍ୟବସ୍ଥା କରାଯିବ କିମ୍ବା ଟ. ୨୫,୦୦୦/- ର ସହାୟତା ରାଶି ଅର୍ଥ ଉପାର୍ଜନକାରୀ ବ୍ୟବସାୟରେ ବିନିଯୋଗ ନିମନ୍ତେ ଦିଆଯାଇପାରିବ ।
- ଏହି ରାସ୍ତା ପ୍ରକଳ୍ପ କ୍ଷତିଗ୍ରସ୍ତ ବ୍ୟକ୍ତି ଅତି କମ୍ ପରିମାଣର ଜମି ହରାଇଥାଆନ୍ତି । ଏହି ଜମି ବଦଳରେ ତାଙ୍କୁ ବିକଳ୍ପ ଜାଗାପାଇଁ ମଧ ଭଡା ପ୍ରଦାନର ବ୍ୟବସ୍ଥା ଅଛି ।

ଭୁଅର୍ଜନ ଆଇନ ଅନୁଯାୟୀ ସତ୍ତ୍ଵଧୀକାରୀଙ୍କ ପାଇଁ **4 (1)** ନୋଟିସ୍ ଦିଆଯିବାର ତିନିବର୍ଷ ପୁର୍ବ ତାରିଖକୁ ସମୟସୀମା ଧରାଯିବ ଏବଂ ବିନା ସତ୍ତ୍ଵଧୀକାରୀଙ୍କ ପାଇଁ ଏହି ତାରିଖ ଚିହ୍ନଟ ତାରିଖକୁ ହିଁ ଧରାଯିବ । ଏହି ପ୍ରକଳ୍ପ ପାଇଁ ଚିହ୍ନଟ ତାରିଖ ହୋଉଛି ଜାନୁଆରୀ ୨୦୧୨

ହିତାଧିକାରୀ ବ୍ୟକ୍ତି ସେମାନଙ୍କର କ୍ଷତିଗ୍ରସ୍ତ ସମ୍ପତ୍ତିର କ୍ଷତିପୁରଣ ପାଇବା ସଙ୍ଗେ ସଙ୍ଗେ ପୁନଃବସତି ଓ ଥଇଥାନ ବ୍ୟବସ୍ଥାରେ ସହାୟତା ପାଇବା ପାଇଁ ଓଡିଶା ରାଜ୍ୟ ସଡକ ପ୍ରକଳ୍ପ ଦ୍ଵାରା ଅନୁମୋଦିତ ପୁନଃବସତି ଓ ଥଇଥାନ ବ୍ୟବସ୍ଥାରେ ବ୍ୟବସ୍ଥା କରାଯାଇଛି । ଓଡିଶା ରାଜ୍ୟ ସଡକ ପ୍ରକଳ୍ପ ପୁନଃବସତି ଓ ଥଇଥାନ ବ୍ୟବସ୍ଥା ଅନୁଯାୟୀ, ବାସୋପଯୋଗି ଗୃହ ପାଇଁ ଅର୍ଥ, ପରିବହନ ସହାୟତା, ପୁନଃବସତି ବ୍ୟବସ୍ଥା ଇତ୍ୟାଦି କ୍ଷତିଗ୍ରସ୍ଥ ପରିବାର କୁ ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଛି । ଉଠା ଦୋକାନୀ ଓ ଭଡାଟିଆ ମାନଙ୍କୁ ମଧ ସହାୟତା ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯିବାକୁ ବ୍ୟବସ୍ଥା କରାଯାଇଛି । ଯୋଜନା ଦ୍ଵାରା କ୍ଷତିଗ୍ରସ୍ଥ କିନ୍ତୁ ବାସଚ୍ୟୁତ ହେଉନଥିବା ବ୍ୟକ୍ତିଙ୍କୁ ଭୁଅର୍ଜନ ଆଇନ ଅନୁଯାୟୀ କ୍ଷତପୁରଣ ପ୍ରଦାନ କରାଯିବ ଓ ତତ୍ ସହିତ ଢାଞ୍ଚା ପାଇଁ ପାଇଥିବା କ୍ଷତିପୁରଣର ଶତକଡା ୨୫ ଭାଗ ମରାମତି ସହାୟତା ପାଇବେ ।

ଯଦି ପ୍ରଭାବିତ ବ୍ୟକ୍ତି ସଂମ୍ପୂର୍ଣ୍ଣ ବିସ୍ଥାପିତ ହେଉଥିବେ ଏବଂ ଅନ୍ୟତ୍ର ବସବାସ କରିବା ପାଇଁ ଜାଗା କ୍ରୟ କରୁଥିବେ, ଜାଗା କ୍ରୟ କରିବାର ଏକ ବର୍ଷ ମଧରେ ତାଙ୍କ ଷ୍ଟାମ୍ପ ଡ୍ୟୁଟି ଟିକସ ଭରଣା କରାଯିବ ।

### ସହଭାଗୀ ପରାମର୍ଶ:

ସର୍ବେକ୍ଷଣ ସମୟରେ **ସହଭାଗୀ** ଙ୍କ ସହିତ କାର୍ଯ୍ୟକୁ ତ୍ଵରାନ୍ଵିତ କରାଯାଇଛି । ଏଥିସହିତ ବିଭିନ୍ନ ଗ୍ରାମମାନଙ୍କରେ ସାମାଜିକ ଅର୍ଥନୈତିକ ସର୍ବେକ୍ଷଣ ସମୟରେ ଗୋଟିକ ପରେ ଗୋଟିଏ ପରାମର୍ଶ ସମ୍ମିଳନୀ ଅନୁଷ୍ଠିତ ହୋଇସାରିଛି । ପ୍ରକଳ୍ପ କାର୍ଯ୍ୟକାରି କରିବା ପାଇଁ କ୍ଷତିପୁରଣ, ପୁନଃବସତି ଓ ଥଇଥାନ ସହାୟତା, ପ୍ରସ୍ତାବିତ ଦୋହରିକରଣ ଯୋଜନା ଓ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ କରାଯାଇଅଛି । କ୍ଷତିଗ୍ରସ୍ତ ବ୍ୟବସାୟ ଓ ଏହାଦ୍ଵାରା ରୋଜଗାର ଉପରେ ପ୍ରଭାବ, ସୂଚନା ପ୍ରଦାନରେ ସ୍ଵଚ୍ଛତା ଏବଂ ସହାୟତାର ପ୍ରକାର ଭେଦ ଓ ତତ୍‌ସହିତ ସ୍ଥାନୀୟ ବିଷୟ ଯଥା: କ୍ଷତିପୁରଣ ବାଣ୍ଟିବାର ସମୟ ସୀମା, ସମ୍ପୃକ୍ତ ଅଧିକାରୀ ଙ୍କୁ ଚିହ୍ନଟ କରଣ, ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଗୋଷ୍ଠୀଗତ ସମ୍ପତିର ସ୍ଥାନାନ୍ତରୀକରଣ ଇତ୍ୟାଦି ବିଷୟ ମାନଙ୍କୁ ଏହି ପରାମର୍ଶ ସମ୍ମିଳନୀରେ ମୁଖ୍ୟ ଭାବରେ ଗୁରୁତ୍ଵ ପ୍ରଦାନ କରାଯାଇଅଛି । ପ୍ରକଳ୍ପର କାର୍ଯ୍ୟକାରିତା ସମୟରେ ଏହି କାର୍ଯ୍ୟକୁ ସହଜ କରିବା ପାଇଁ ଅଣସରକାରୀ ଅନୁଷ୍ଠାନର ସହାୟତା ଏବଂ ପରାମର୍ଶ ସହ କାର୍ଯ୍ୟକ୍ରମ ଚାଲୁରଖିବା ବ୍ୟବସ୍ଥା କରାଯାଉଛି ।

## ପୁର୍ନଥଇଥାନ ଯୋଜନା:

ପୁର୍ନଃବସତି କାର୍ଯ୍ୟାନୁଷ୍ଠାନ ଯୋଜନା ପୁନର୍ବାସ ଓ ପାରିପାଶ୍ୱିକ ଉନ୍ନୟନ ପରାମର୍ଶ କମିଟି (RPDAC) ର ଅନୁମୋଦିତ ପରେ , ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ (PM) ଙ୍କ ଦ୍ୱାରା ଅଣସରକାରୀ ଅନୁଷ୍ଠାନ ସହାୟତାରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ସମ୍ପୁର୍ଣ୍ଣ କାର୍ଯ୍ୟକୁ ପ୍ରକଳ୍ପ ପରିଚାଳନା କାର୍ଯ୍ୟାଳୟ ତ୍ୱରାନ୍ୱିତ କରିବାପାଇଁ ଯୋଜନା କରିଥାନ୍ତି । ପ୍ରକଳ୍ପ ପରିଚାଳନା ୟୁନିଟ୍‌ରେ ସାମାଜିକ ବିକାଶ ଉପଦେଷ୍ଟା ରହିବେ, ଯିଏକି, ସମ୍ପୁର୍ଣ୍ଣ କାର୍ଯ୍ୟ ପ୍ରଣାଳୀକୁ ସହୟତା ଓ ପର୍ଯ୍ୟାଲୋଚନା କରିବେ । ଏହି ପ୍ରକଳ୍ପର ଏକ କାର୍ଯ୍ୟକାରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ରହିବ । ଏକ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଏହିଅଭିଯୋଗ ଶୁଣାଣି ପ୍ରକ୍ରିୟା ଗ୍ରାମ ସ୍ତରରେ, ଜିଲ୍ଲା ସ୍ତରରେ ଓ ରାଜ୍ୟସ୍ତରରେ ଅନୁଷ୍ଠିତ ହେବ । ଅଭ୍ୟନ୍ତରିଣ କାର୍ଯ୍ୟ ତଦାରଖ ପ୍ରକଳ୍ପ ପରିଚାଳନା ୟୁନିଟ୍ ଦ୍ୱାରା କରାଯିବ ।

ପ୍ରକଳ୍ପ ଦ୍ୱାରା ସ୍ଥାନାନ୍ତରିତ ହୋଇଥିବା ପରିବାରଙ୍କୁ ଥଇଥାନ ହୋଇଥିବା ସ୍ଥାନରେ ପ୍ରକଳ୍ପ ଦ୍ୱାରା ସହାୟତା ପ୍ରଦାନ କରାଯିବ । କ୍ଷତିପୁରଣ ଓ ପୁର୍ନବାସ ସହାୟତା ପାଇବା ବ୍ୟତୀତ ବାସଚ୍ୟୁତ ପରିବାର ଅଣସରକାରୀ ଅନୁଷ୍ଠାନ ଦ୍ୱାରା ନୁତନ ସ୍ଥାନ ପାଇବା ଏବଂ ଏହି ଜାଗାକୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ସରକାରୀ ସ୍ତରରେ ଅନୁମୋଦନ ପାଇଁ ସହାୟତା ପାଇବେ । ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ ହୋଇଥିବା ପରିବାର, ପୁନଃବସତି ଓ ଥଇଥାନ ନୀତି ଆଧାରରେ ସହାୟତା ପାଇବେ । ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ ଗୋଷ୍ଠିଗତ ସମ୍ପତ୍ତିକୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରାଯାବ ।

ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ସର୍ବେକ୍ଷଣ କରିସାରିବା ପରେ ପୁନଃବସତି କାର୍ଯ୍ୟାନୁଷ୍ଠାନ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇଛି । ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ଅନୁସନ୍ଧାନ କରିବା ପାଇଁ ଏକ ସାମାଜିକ ସର୍ବେକ୍ଷଣ ଦଳ ପ୍ରକଳ୍ପ ଓ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜାଗା ଓ ଲୋକମାନକୁ ତର୍ଜମା କରିବା ପାଇଁ ସାଥିରେ ପ୍ରସ୍ତାବିତ ସଡ଼କ ପ୍ରକଳ୍ପର ରୁପରେଖ ଓ ମାନଚିତ୍ରକୁ ସଂଗରେ ନେଇ ଯାଇଥିଲେ । ତଦ୍ ଅନୁଯାଇ ଅଧିଗ୍ରହଣ ହେଉଥିବା ଜମିକୁ ଚିହ୍ନଟ କରଣ ଏହି ପ୍ରଭାବ ରାସ୍ତାରେ ଜଣାପଡ଼ିଥିଲା । ଯାହାଦ୍ୱାରା ଏହି ଯୋଜନାରେ ରାସ୍ତାର କେନ୍ଦ୍ର ଲାଇନ୍‌କୁ ସ୍ଥିରିକୃତ କରାଯାଇ ଗ୍ରାମରେ ଥିବା ସୀମାଠାରୁ ଓ ମାନଚିତ୍ରରେ ଥିବା ମାପ ଠାରୁ ମପାଯାଇ ପାରିବ । ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସ୍ଥିରିକୃତ ହୋଇସାରିଲା ପରେ, ଏହାର ସାମାଜିକ ପ୍ରଭାବ ଜାଣିହେବ । ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ଥ ହେଉଥିବା ସମସ୍ତ ଜିନିଷ ଯଥା: ସାମାଜିକ ପାର୍ଶ୍ୱଦୃଶ୍ୟ ଭିତ୍ତିଭୂମିର ସୁଖାଲେଖ୍ୟ ,ଭିତ୍ତିଭୂମିର କ୍ଷତିପୁରଣ ପରିମାଣ, ବ୍ୟବହୃତ ଭିତ୍ତିଭୂମିର ପ୍ରକାର ଇତ୍ୟାଦି ଜାଣିହେବ ।

ପୁନଃଥଇଥାନ ପାଇଁ "R&R" ସହାୟତା ପ୍ରଦାନ କରିବା ପାଇଁ "SLEC" ଦ୍ୱାରା ଅନୁମୋଦିତ କରାଯାଇଛି । ତାପରେ ପୁନଃବସତି କାର୍ଯ୍ୟାନୁଷ୍ଠାନ ଯୋଜନା (କ୍ଷତିଗ୍ରସ୍ଥ ବ୍ୟକ୍ତିଙ୍କ ଚିଠା ସହିତ) "RPDAC" ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ବେସରକାରୀ ଅନୁଷ୍ଠାନ ଏହି ପୁନଃବସତି କାର୍ଯ୍ୟାନୁଷ୍ଠାନ ଯୋଜନାକୁ ପ୍ରସ୍ତାବିତ (Package) ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ଲୋକମାନଙ୍କର ପରାମର୍ଶ ନେବ ଏବଂ ସୁବିଧା ପ୍ରଦାନ କରିବ । ଏହି ପୁନଃବସତି ଓ ଥଇଥାନର ସମସ୍ତ ନିୟମାବଳୀ ଓ ଯୋଜନାକୁ ପ୍ରକଳ୍ପ ଦ୍ୱାରା କ୍ଷତାଗ୍ରସ୍ତ ହେଇଥିବା ଲୋକମାନଙ୍କୁ ବୁଝାଇଦିଆଯାଏ । ସ୍ଥାନୀୟ ଭାଷାରେ ଲିପିବଦ୍ଧ ହୋଇଥିବା ଏହି ପୁନଃବସତି ଓ ଥଇଥାନ **ନୀତିର ଚିଠା** କୁ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କୁ ଦିଆଯିବ । କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତିଙ୍କର ସମସ୍ତ ବିବରଣୀକୁ ଅନୁସନ୍ଧାନ କରି ତାଙ୍କ ନାମରେ ଏକ ନଥି ପ୍ରସ୍ତୁତ କରାଯିବ ଓ ନିର୍ବାହୀ ଯନ୍ତ୍ରୀ ଏବଂ କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କର ମିଳିତ ନାମରେ ଏକ ଯୁଗ୍ମ Account ସ୍ଥାନୀୟ Bank ରେ ଖୋଲାଯିବ । ଅନୁଦାନ ପରିମାଣ ଏହି ମିଳିତ ଜମାଖାତାରେ ଜମା କରାଯିବ । ପ୍ରାଥମିକ ସ୍ଥରରେ ସହାୟତା ରାଶିର ଶତକଡ଼ା ୪୦ଭାଗ ଅଗ୍ରୀମ ଭାବରେ କାର୍ଯ୍ୟକୁ ଆଗେଇ ନେବା ପାଇଁ କ୍ଷତିଗ୍ରସ୍ଥ ବ୍ୟକ୍ତୁଙ୍କୁ ପ୍ରଦାନ କରାଯିବ । ନୂତନ ଜାଗାକୁ ସ୍ଥାନାନ୍ତରଣ ପାଇଁ ଦୁଇ ସପ୍ତାହର ନୋଟିସ୍ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଦିଆଯିବ । ନୁତନ ଗୃହ ନିର୍ମାଣ ଏବଂ ପୁନଃବସତି ଓ ଥଇଥାନର ସହାୟତା ପାଇଁ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ NGO ର ସହାୟତା ପାଇପାରିବେ ।

ଆଦିବାସୀ ଓ ଅନ୍ୟ ଦୁର୍ବଳ ଶ୍ରେଣୀ:

ପୁନଃବସତି ଓ ଥଇଥାନ କାର୍ଯ୍ୟାବଳୀ ନିର୍ମାଣଧୀନ କାର୍ଯ୍ୟାବଳୀ ସହିତ ସମକାଳୀନ ଭାବରେ କରାଯାଇଅଛି । । ଏହା ସୁନୁଷ୍ଚିତ କରାଯାଇଅଛି ଯେ, ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଯେପରି ଜମି ଅଧିଗ୍ରହଣ ଏବଂ ପୁନଃବସତି ଓ ପୁନଃଥଇଥାନ କାର୍ଯ୍ୟ ସମାପ୍ତ ହେବ ଏବଂ ଏଥିସହିତ ସମସ୍ତ ପ୍ରକାର ଭରଣପୋଷଣ ଓ ସହାୟତା, କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବ । ପୁନଃବସତି କାର୍ଯ୍ୟାନୁଷ୍ଠାନ ଯୋଜନା ପାଇଁ ଅନୁମୋଦିତ ଅର୍ଥର ପରିମାଣ ୧୫୫.୭୭ କୋଟି ଟଙ୍କା । ଜମି ପାଇଁ ଭରଣପୋଷଣ ଏବଂ ଅନ୍ୟ ଜରୁରୀ ଜିନିଷ ପତ୍ର କାର୍ଯ୍ୟକାରୀ କରିବା ପାଇଁ ସବୁ ଅର୍ଥ ଓ ପୁନର୍ବସତି, ଥଇଥାନ ସହାୟତା ଏହି Budget ର ଅନ୍ତର୍ଭୁକ୍ତ ହେବ ।

ଆଦିବାସୀ ଓ ଅନ୍ୟ ଦୁର୍ବଳ ଶ୍ରେଣୀ:

ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କେବଳ ୮ଟି ଆଦିବାସୀ ପରିବାର ପ୍ରଭାବିତ ହେଉଛନ୍ତି । ସେମାନେ ଲୋକ ସମୂହର ମୁଖ୍ୟସ୍ରୋତ ସହିତ ସାମିଲ ହୋଇଛନ୍ତି ତଥା ନିଜର ସ୍ୱତନ୍ତ୍ର ସଂସ୍କୃତିକୁ ଧାରଣ କରିନାହାନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ୫ ଜଣଙ୍କ ନାମରେ ଜମି ମାଲିକାନା ରହିଛି । ଯେଉଁଗୁଡ଼ିକ ଅଧିଗ୍ରହଣ ହୋଇସାରିଛି । ଏହି ସମସ୍ତ ୫ ଜଣ ଏହି ଜମିକୁ ବାସଗୃହ ରୂପେ ବ୍ୟବାହାର କରୁଛନ୍ତି । ୮ ଜଣ ମଧ୍ୟରୁ ୨ ଜଣଙ୍କର ଦୋକାନ ସରକାରୀ ଜମିରେ ଅଛି ଏବଂ ଜଣେ ସରକାରୀ ଜମିରେ ବ୍ୟବସାୟ ପାଇଁ ଭଡ଼ାରେ ଅଛନ୍ତି । ସେମାନେ ଅଲଗା ହୋଇ ଚଳୁନାହାନ୍ତି ଏବଂ ସେହି ଆଦିବାସୀ ସଂସ୍କୃତିହିଁ ପାଳନ କରୁଛନ୍ତି । ତେଣୁ ( OP-4.10) କିଛି ସ୍ୱତନ୍ତ୍ର ନୀତିନୀୟମ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ପ୍ରସ୍ତୁତ କରିନାହିଁ ।

## ରାସ୍ତା ସୁରକ୍ଷା ଶିକ୍ଷା

ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ସହ ପରାମର୍ଶ କରିବା ପରେ ଏହି କଳନା କରାଗଲା ଯେ ଏହି ପ୍ରସ୍ତାବିତ ଉନ୍ନତି କରଣ ପ୍ରକ୍ରିୟାରେ ସଡ଼କ ସୁରକ୍ଷା ଶିକ୍ଷା ହେଉଛି ଏକ ଅତ୍ୟାବଶ୍ୟକ ବିଷୟ । ଏହି ପରାମର୍ଶ ବିଚାରକୁ ନେଇ, ଛଅଟି ଭୂତଳ ରାସ୍ତା, ପ୍ରତ୍ୟେକ ସଂଯୋଗ ରାସ୍ତାରେ ବେଗରୋଧକ ନିର୍ମାଣ, ପଟାମୁଣ୍ଡାଇ ପାଖରେ ଏକ ପାର୍ଶ୍ୱପଥର ଯୋଜନା ଓ ରାସ୍ତାରେ ସଡକ ସୁରକ୍ଷା ଚିହ୍ନ ଲଗାଇବାର ବ୍ୟବସ୍ତା ହୋଇଛି । ରାସ୍ତା ପ୍ରଶସ୍ତିକରଣଦ୍ୱାରା ରାସ୍ତାରେ ଯାତାୟତ ଯାନବାହାନ ଓ ପଥଚାରିଙ୍କର ବୃଦ୍ଧି ଘଟିବ । ସଡ଼କ ସୁରକ୍ଷା ଶିକ୍ଷା ଯୋଜନା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହି 'RAP' ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ବ୍ୟବସ୍ତା କରାଯାଇଛି ।

## ଏଚ୍.ଆଇ.ଭି./ଏଡ୍ସ ସଂଚାରଣର ନିବାରଣ:

ଏହା ସତ୍ୟ ଯେ, ରାସ୍ତାର ଉନ୍ନତିକରଣ ସହିତ, ସେଥିରେ ଯାତାୟତ ଟ୍ରକମାନଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ ଏବଂ ଏଥିସହିତ ବ୍ୟବସାୟୀକ ଯୌନକର୍ମୀ ମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଥାଏ । ଫଳରେ HIV/AIDS ସଂକ୍ରମଣ ହେବାର ସମ୍ଭାବନା ଅଧିକ ହେଇଥାଏ । HIV/AIDS ସଂକ୍ରମଣ କୁ ରୋକିବା, ରାଜ୍ୟସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱ ଅଟେ । ବିଶ୍ୱବ୍ୟାଙ୍କ ମଧ HIV/AIDS ସଂକ୍ରମଣକୁ ରୋକିବା ପାଇଁ ଗୁରୁତ୍ୱ ପ୍ରଦାନ କରୁଛି । ସେଥିପାଇଁ ଏକ ସ୍ୱତନ୍ତ୍ର HIV/AIDS ଯୋଜନା ଏହି ପକଳ୍ପ ପାଇଁ ପ୍ରସ୍ତୁତ କରାଯାଇଛି । ପ୍ରକଳ୍ପର ପ୍ରଣୟନ, ପ୍ରସ୍ତୁତ ଓ କାର୍ଯ୍ୟକାରି କରିବା ସମୟରେ ଏହି ଯୋଜନାକୁ ଗୁରୁତ୍ୱ ପ୍ରଦାନ କରାଯାଇଅଛି । ରାସ୍ତା ପ୍ରକଳ୍ପରେ ଏହି HIV/AIDS ଯୋଜନାକୁ କାର୍ଯ୍ୟକାରି କରାଯିବ ।

## କାର୍ଯ୍ୟାନ୍ୱିତ ପ୍ରକ୍ରିୟା

"RPDAC" ଦ୍ୱାରା ପୁନଃବସତି ଓ ଥଇଥାନ କାର୍ଯ୍ୟ ଅନୁମୋଦିତ ହୋଇଥାଏ ଏବଂ ଏହାର ପରାମର୍ଶରେ ସମ୍ପାଦନ ହୋଇଥାଏ । ଅଳିନ୍ଦରେ କାର୍ଯ୍ୟ କରୁଥିବା NGO ର ସହାୟତାରେ ଅନୁମୋଦିତ ପୁନର୍ବସତି ଥଇଥାନ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଜିଲ୍ଲାସ୍ତରରେ ଥିବା ଭୂମିଅଧିଗ୍ରହଣ କାର୍ଯ୍ୟାଳୟ ଦ୍ୱାରା ଜମି ଅଧିଗ୍ରହଣ ହୋଇଥାଏ। ଯେଉଁଥିରେ କି SLAO ମୁଖ୍ୟ ଅଟନ୍ତି ।ଆବଶ୍ୟକ ସ୍ଥଳେ ଜମିଅଧିଗ୍ରହଣ ଅଫିସର ଓ ଦରକାର ପଡ଼ିଲେ 'DCAC' ଜମିଅଧିଗ୍ରହଣ ପାଇଁ ଥିବା ବିଭିନ୍ନ ନୀତି ଓ ନୀୟମ ବିଷୟରେ ପରାମର୍ଶ ଦେଇଥାନ୍ତି। "OSRP" 2006 ର ବ୍ୟବସ୍ଥା ଅନୁଯାୟୀ ପ୍ରତି ଜିଲ୍ଲାରେ "RPDAC" ଗଠନ ହେବ। ଚବିଶ ମାସ ମଧ୍ୟରେ ସବୁ କାର୍ଯ୍ୟ ସମ୍ପାଦନ ହେବାର ବ୍ୟବସ୍ଥା କରାଯାଇଛି। ଅନ୍ତଃ ଓ ବାହ୍ୟ ସମୀକ୍ଷକଙ୍କ ଦ୍ୱାରା ପ୍ରକଳ୍ପର ପ୍ରତ୍ୟେକ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରାଯିବ।

ଅଭିଯୋଗର ଶୁଣାଣୀ ତଦାରଖ ଓ ସମୀକ୍ଷା

ପ୍ରଥମ ବର୍ଷ ସଡ଼କ ପ୍ରକଳ୍ପରୁ ଏହି ଅଭିଜ୍ଞତା ହାସଲ ହେଲାଯେ ଅଧିକାଂଷ ଅଭିଯୋଗ ଭୂମି ଏବଂ ଢ଼ାଞ୍ଚାର ମାପ ଓ ମୂଲ୍ୟାୟନ ସମ୍ବନ୍ଧୀୟ ଅଟେ । ଏହା ଅଭିଯୋଗର ସିଦ୍ଧାନ୍ତ ଓ ନିଷ୍ପତ୍ତି ନେବାରେ କ୍ଷତିଗ୍ରସ୍ତ ବ୍ୟକ୍ତି ଓ ସାକ୍ଷୀଙ୍କ ଉପସ୍ଥିତିରେ ପ୍ରକଳ୍ପ ସଂଞ୍ଚାଳନ ଗୋଷ୍ଠୀ ଓ କ୍ଷେତ୍ରସ୍ଥ ଯନ୍ତ୍ରୀ ମାନେ ମୂଖ୍ୟ ଭୂମିକା ନେଇଥାନ୍ତି । ଏହି ଅଭିଯୋଗ ଗୁଡ଼ିକୁ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସହଜ ଭାବେ ଜଣାଇବା, ଏହାକୁ ଲିପିବଦ୍ଧ କରିବା ଏବଂ ସଂପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରି ସତ୍ୱର ଭିତିରେ ଏହାର ପ୍ରତିକାର କରିବା ପାଇଁ ଆଞ୍ଚଳିକ ଗଠନ କରାଯାଇଛି ।

ଯେଉଁ ଅଭିଯୋଗ ଗୁଡ଼ିକ ଆର୍ଥିକ କମିଟି ଦ୍ୱାରା ସମାଧାନ ହୋଇପାରିବନାହିଁ ସେଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ କମିଟ ଗଠନ କରାଯାଇଛି । RPDAC ର ସ୍ଥାୟୀ ଅଧକ୍ଷଭାବରେ RDC ପୁନର୍ବାସ ଓ ପୁନର୍ଥଇଥାନର ସହାୟତା ଏବଂ ଅଭିଯୋଗ ଶୁଣାଣୀର ନିୟମାବଳୀ ପ୍ରଣୟନ କରିଥାଆନ୍ତି । ପ୍ରକଳ୍ପ ପରିଚାଳନା ୟୁନିଟ ମଧରେ ଏକ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ କାର୍ଯ୍ୟକ୍ଷମ ଅଛି । ରାଜସ୍ୱ ବିଭାଗ ଯଦିଓ ଭୂଅର୍ଜନ ଓ ପୁନର୍ବାସ ପୁନର୍ଥଇଥାନର ମୂକ୍ଷ୍ୟ ବଭାଗ ତଥାପି ପୂର୍ତ୍ତ ବିଭାଗକୁ ଅଭିଯୋଗର ଆବେଦନ କରାଯାଇ ପାରିବ ।

ତଦାରଖ ଓ ମୂଲ୍ୟାୟନ RAP ର ସୁସମ୍ପାଦାନ ଉପରେ ଗୁରୁତ୍ୱ ଦେବ, ଯଥା ଭୁଅର୍ଜନଏବଂ R & R କାର୍ଯ୍ୟର ଅଗ୍ରଗତି, କ୍ଷତିପୁରଣର ବଣ୍ଟନ ବ୍ୟବସ୍ଥା, ଜନଶୁଣାଣି ଏବଂ ଅଂଶଗ୍ରହଣର ସୁପ୍ରଭାବ ଏବଂ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କର ସୁଦୂର ପ୍ରସାରୀ ଉନ୍ନତି ଏବଂ ଆୟର ଥଇଥାନ । ତିନୋଟି ଉପାଦାନ ଯଥା :

(୧) କାର୍ଯ୍ୟ ଦକ୍ଷତା

(୨) ପ୍ରଭାବ

(୩) ଶେଷ ପଯ୍ୟାୟ ର ତଦାରଖ ଏବଂ ସମୀକ୍ଷା କରାଯିବ ।

ଶେଷପଯ୍ୟାୟ କର୍ଯ୍ୟର ଏହାର ମାନ ମୂଲ୍ୟାଙ୍କନ ନିମନ୍ତେ ଏକ ଭାବ୍ୟ ସମୀକ୍ଷକ ନିୟେଜିତ ହେବେ ।

ଅର୍ଥ ବ୍ୟବସ୍ଥା

**ପ୍ରସ୍ତାବିତ RAP ଅର୍ଥ ବ୍ୟବସ୍ଥା ୧୧୨.୮୮ କୋଟି ଟଙ୍କା ରଖାଯାଇଛି । ଏହାଛଡ଼ା ମୂଖ୍ୟ ଦପ୍ତର ରେ ଏବଂ କ୍ଷେତ୍ର କାର୍ଯ୍ୟାଳୟରେ SMU ର ସମୃଦ୍ଧିକରଣର ମଧ ଅର୍ଥ ବ୍ୟବସ୍ଥା କରାଯାଇଛି । ଏହି ଅର୍ଥ ବ୍ୟବସ୍ଥା ମଧ SMU ର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ପ୍ରଶିକ୍ଷଣ ପାଇଁ ରଖାଯାଇଛି ।**